ଉପରୋକ୍ତ କାରଣ ବ୍ୟତୀତ ଅନ୍ୟ କେତେକ ଛୋଟ କାରଣ ଯୋଗୁଁ ଯଥା- ଆବଶ୍ୟକ ପରିମାଣରେ ଜଳ ଅଭାବ ହେଲେ ରାସାୟନିକ ସାର ପ୍ରୟୋଗ ବେଳେ ଗଛମୂଳରେ ବେଶି ସାର ପଡ଼ିଯାଇଥିଲେ ଏବଂ ଚାଷ କାମ ସମୟରେ ଅସାବଧାନତା ଯୋଗୁଁ ମୂଳ କଟିଗଲେ ମଧ୍ୟ ଗଛ ଝାଉଁଳିବା ଦେଖାଯାଏ ।

**ନିୟନ୍ତ୍ରଣ:** (କ) ବାଇଗଣ, ବିଲାତି ବାଇଗଣ, ଆଳୁ ଓ ଲଙ୍କାକୁ ଗୋଟିଏ ଜମିରେ ବାରମ୍ବାର ଚାଷ ନ କରି ମକା, ଝୁଡ଼ୁଙ୍ଗ, ବନ୍ଧାକୋବି ଓ ଅନ୍ୟାନ୍ୟ ଶସ୍ୟକୁ ନେଇ ଫସଲ ଖସଡ଼ା ପ୍ରସ୍ତୁତ କଲେ ଏହି ଜାତୀୟ ଫସଲରେ ପତ୍ର ଝାଉଁଳା ରୋଗ ପ୍ରାଦୁର୍ଭାବ ହ୍ରାସ ପାଇଥାଏ । ଏହାବ୍ୟତୀତ ଫସଲରେ ଆବଶ୍ୟକମତେ ଜଳସେଚନ କରିବା ଉଚିତ୍ ।

(ଖ) ବୀଜାଣୁ ଜନିତ ଝାଉଁଳା ରୋଗ ସହିଷ୍ଣୁ କିସମ ଯଥା: ଗ୍ରୀନ୍ ଡାଇମଣ୍ଡ ଲଙ୍ଗ, ବ୍ଲୁ ଡାଇମଣ୍ଡ ଲଙ୍ଗ, ବି.ବି-୪୪, ସମର ଷ୍ଟେଶିଆଲ ଚାଷ କରିବା ଉଚିତ୍ ।

(ଗ) ଜମି ପ୍ରସ୍ତୁତି ସମୟରେ ଏକର ପ୍ରତି ୫-୬ କ୍ୱିଣ୍ଟାଲ ନିମ୍ବ କିମ୍ବା କରଞ୍ଜ ପିଡ଼ିଆ ପ୍ରୟୋଗ କଲେ ଝାଉଁଳା ରୋଗ ପ୍ରକୋପ କମ୍ ହୁଏ । ଜମିରେ ହେକ୍ଟର ପ୍ରତି ୨୫ ଗାଡ଼ି ଖତ ସହିତ ୧୨୦ କି.ଗ୍ରା. ଯବକ୍ଷାରଜାନ, ୮୦ କି.ଗ୍ରା. ଫସ୍‌ଫେଟ୍ ଓ ୧୦୦ କି.ଗ୍ରା ପଟାସ ପ୍ରୟୋଗ କରିବା ଉଚିତ୍ ।

(ଘ) ଚାରା ପକାଇବା ପୂର୍ବରୁ ମଞ୍ଜି କି.ଗ୍ରା. ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ କାର୍ବେଣ୍ଡାଜିମ୍ ଔଷଧ ମିଶାଇ ବିହନ ବିଶୋନ କରିବା ଉଚିତ୍ ଓ ମରିଯାଇଥିବା ଗଛକୁ ଉପାଡ଼ି କିଆରି ବାହାରେ ନଷ୍ଟ କରିଦେବା ଉଚିତ୍ ଏବଂ ଉପଡ଼ାଯାଇଥିବା ସ୍ଥାନରେ କବକ ଓ ଜୀବାଣୁ ନାଶକ ଔଷଧ ସିଞ୍ଚନ କରିବା ଆବଶ୍ୟକ ।

(ଙ) ଏକ ଲିଟର୍ ପାଣିରେ ଏକ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ଏକ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍ ଔଷଧକୁ ମିଶାଇ ଉକ୍ତ ଦ୍ରବଣରେ ଚଳିର ଚେରକୁ ୩୦ ମି. ବୁଡ଼ାଇ ବିଶୋନ କରିବା ଉଚିତ୍ । ଫସଲରେ ଝାଉଁଳା ରୋଗ ଦେଖାଗଲେ ଏକ ଲିଟର୍ ପାଣି ସହିତ ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଓ ଏକ ଗ୍ରାମ୍ ପ୍ଲାଣ୍ଟୋମାଇସିନକୁ ମିଶାଇ ସ୍ପ୍ରେୟରର ନୋଜଲ କାଢ଼ି ଗଛମୂଳକୁ ସିଞ୍ଚନ କରି ମାଟିକୁ ଭିଜାଇ ଦେଲେ ଉଭୟ କବକ ଓ ବୀଜାଣୁ ଜନିତ ଝାଉଁଳା ରୋଗ ନିୟନ୍ତ୍ରଣ ହୋଇପାରିବ ।

**୨. ପିଆଜର ବାଦାମୀ ପତ୍ରପୋଡ଼ା ରୋଗ:** ଏହି ରୋଗ ହେଲେ ଆକ୍ରାନ୍ତିତ ପତ୍ରରେ ଛୋଟ ଧଳାଦାଗମାନ ସୃଷ୍ଟି ହୁଏ ଯାହାର ମଧ୍ୟଭାଗ ବାଦାମୀ ରଙ୍ଗ ଦେଖାଯାଏ । ଏହି ରୋଗ ଖୁବ୍ ଶୀଘ୍ର ବ୍ୟାପି ସମୁଦାୟ ପତ୍ର ଓ କାଣ୍ଡକୁ ଆକ୍ରାନ୍ତ କରେ ଫଳରେ ପତ୍ର ଓ କାଣ୍ଡ ତଳକୁ ଝୁଲିପଡ଼େ ଓ ଗଛଟି ୩-୪ ସପ୍ତାହ ମଧ୍ୟରେ ମରିଯାଏ ।

**ନିୟନ୍ତ୍ରଣ:** ସର୍ବଦା ସୁସ୍ଥ ସବଳ ମଞ୍ଜି ବା ପିଆଜ ଖୋସା ଲଗାଇବା ଉଚିତ । ମଞ୍ଜି ଲଗାଇବା ପୂର୍ବରୁ ବିଶୋଧନ (୨ଗ୍ରା. ଥିରାମକୁ ୧ କି.ଗ୍ରା ମଞ୍ଜି ସହିତ ମିଶାଇ) କରିବା ନିତାନ୍ତ ଆବଶ୍ୟକ । ପିଆଜ ପରେ କ୍ଷୁଇଁ ଜାତୀୟ ଫସଲ ଚାଷ କରିବା ଦ୍ୱାରା ଏହି ରୋଗର ପ୍ରାଦୁର୍ଭାବ କମିଥାଏ । ରୋଗ ଦେଖାଗଲେ ବୋର୍ଡ଼ୋ ଦ୍ରବଣ (୧୦ଗ୍ରା. ତୁତିଆ + ୧୦ ଗ୍ରା. + ଚୂନ ୧ ଲି. ପାଣି) କିମ୍ବା ଡାଇଥେନ୍-ଏମ୍-୪୫ (୩ ଗ୍ରା)(ମାଲାଥିଅନ (୨ ମି.ଲି.)୧ ଲି. ପାଣି) ଓ ଟ୍ରିଟନ ୨ ମି.ଲି. ୫ ଲି. ପାଣି ସହିତ ମିଶାଇ ସିଞ୍ଚନ କରିବା ଆବଶ୍ୟକ ।

**୩. ଚଳିସଗ୍ରାକଟା ରୋଗ:** ଏହି ମାରାତ୍ମକ କବକଜନିତ ରୋଗ ବିଭିନ୍ନପ୍ରକାର କୋବି, ବିଲାତିବାଇଗଣ, ବାଇଗଣ ଓ ଲଙ୍କାମରିଚକୁ ଚଳିପଟାଳିରେ ଆକ୍ରମଣ କରିଥାଏ । ଶୀତଦିନିଆ ଫସଲରେ ଏହା ସେପ୍ଟେମ୍ବରରୁ ନଭେମ୍ବର ମାସ ଓ ବର୍ଷାଦିନିଆ ଫସଲରେ ଜୁନ୍-ଜୁଲାଇ ମାସରେ ଅତ୍ୟଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ । ଏହି ରୋଗ ଗଜା ଅବସ୍ଥାରେ ହେଲେ ଗଛ ପଦାକୁ ନ ବାହାରି ମରିଯାଏ ଓ ଚଳି ଅବସ୍ଥାରେ ହେଲେ ମାଟିସ୍ତର ନିକଟରେ ନରମ କାଣ୍ଡରେ ସଢ଼କଟା ହୋଇ ଗଛ ଭାଙ୍ଗିପଡ଼େ ଓ ମରିଯାଏ ।

**ନିୟନ୍ତ୍ରଣ:** ପାଣି ନିଗିଡ଼ିଯିବା ପାଇଁ ଚଳି କିଆରିକୁ ଅଳ୍ପ ଉଚ୍ଚରେ ତିଆରି କରିବା ଆବଶ୍ୟକ ଓ ସରାରେ ବହଳିଆ ଭାବେ ମଞ୍ଜି ବୁଣିବା ଅନୁଚିତ୍ । ଚଳି କିଆରିରେ ଅଳ୍ପ ପରିମାଣର ପାଣି ଅନେକଥର ସିଞ୍ଚନ କରିବା ଉଚିତ୍ । ବିହନ ବୁଣିବା ପୂର୍ବରୁ ବିହନକୁ ବାଭିଷ୍ଟିନ୍, ଥିରାମ୍, କ୍ୟାପଟାନ୍ ଓ ଜିରାମ ଆଦି ବିହନ ବିଶୋଧନ ଔଷଧରୁ କୌଣସି ଗୋଟିଏ ଦ୍ୱାରା ଭଲ ଭାବେ ବିଶୋଧନ କରି ଚଳି ସରାରେ ବୁଣିବା ଆବଶ୍ୟକ । ଏକ ଭାଗ ଫର୍ମାଲିନ୍ ସହିତ ୫୦ ଭାଗ ପାଣି ମିଶାଇ ଚଳି ସରାରେ ସିଞ୍ଚି ଦେଇ ତାହାକୁ ଦୁଇଦିନ ପର୍ଯ୍ୟନ୍ତ ତାରପୋଲିନ୍ ଦ୍ୱାରା ଘୋଡ଼ାଇ, ଭଲ ଭାବେ ଖୁସାଇ ଦିଆଯାଏ ଓ ସେହିପରି ଭାବେ ୧୫ ଦିନ ପର୍ଯ୍ୟନ୍ତ ଛାଡ଼ି ଦିଆଯାଏ ।

**୪. ଲଙ୍କାର ଅଗମରା ଓ ଫଳସଢ଼ା ରୋଗ:** ଏହି କବକ ଜନିତ ରୋଗ, ବିହନ ଦ୍ୱାରା କିମ୍ବା ମାଟିରୁ ବ୍ୟାପିଥାଏ । ଏହି ରୋଗ ହେଲେ ଗଛର ଅଗ ଓ କର୍ଅଁଳଶାଖା ଗୁଡ଼ିକ ଶୁଖିଯାଇ ପତ୍ରଗୁଡ଼ିକ ଝଡ଼ିଯାଏ । ପ୍ରଥମେ ଡାଳଗୁଡ଼ିକ ଜଳସିକ୍ତ ଦାଗମାନ ସୃଷ୍ଟି ହୋଇ ପରେ ବାଦାମୀ ବା ଧୂସର ରଙ୍ଗ ହୋଇଯାଏ ଏବଂ ଧୀରେ ଧୀରେ ଫଳ ଉପରେ ଛୋଟ ଛୋଟ ଦାଗ ଦେଖାଯାଏ ଓ ଫଳଗୁଡ଼ିକ ପଚିଯାଏ ।

**ନିୟନ୍ତ୍ରଣ:** ଲଙ୍କା ଲଗାଇବା ପୂର୍ବରୁ ଜମିକୁ ଗଭୀର ଖରାଟିଆ ଚାଷ କରିବା ଉଚିତ୍ । ରୋଗ ସହଣି ଶକ୍ତି ଥିବା କିସମ ଯଥା ଉତ୍କଳ ରଶ୍ମି, ଚମତ୍କାର, ସି.କେ.-୧୦୬ କିମ୍ବା ଜି-୪ ଇତ୍ୟାଦି ବ୍ୟବହାର କରିବା ଆବଶ୍ୟକ । ବିହନକୁ କେ.ଜି. ପିଛା ୩ ଗ୍ରା. କାପଟାନ୍ ବା ଥିରାମ ଓ ୨ ଗ୍ରା. ବାଭିଷ୍ଟିନରେ ଏବଂ ଚଳି ପଟାଳିକୁ ମେଟାଲାକ୍‌ସିଲ୍ କିମ୍ବା କାର୍ବେଣ୍ଡାଜିମ୍ କିମ୍ବା ଥାୟୋଫିନେଟ୍ ମିଥାଇଲ୍ ୧ରୁ ୧.୫ ଗ୍ରା. ଏକ ଲିଟର ପାଣିରେ ମିଶାଇ ବିଶୋଧନ କରିବା ଆବଶ୍ୟକ । ଚଳି ରୋଇବା ପୂର୍ବରୁ କବକନାଶୀ ଦ୍ରବଣରେ ୩୦ ମିନିଟ୍ ପର୍ଯ୍ୟନ୍ତ ଚେରକୁ ବୁଡ଼ାଇ ରଖି ତାପରେ ରୋଇବା ଉଚିତ୍ ।



# ପନିପରିବା ଫସଲର ମୁଖ୍ୟ ରୋଗ ପୋକ ଓ ତାର ନିୟନ୍ତ୍ରଣ






**ଦେବବ୍ରତ ପାଣିଗ୍ରାହୀ**

ବିଶେଷଜ୍ଞ (ଫସଲ ସଂରକ୍ଷଣ)



**କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ସାଧାରଣତଃ ପନିପରିବା ଫସଲକୁ ରୋଗପୋକ ଡାଉରୁ ରକ୍ଷା କରିବା ପାଇଁ ଆମ ଚାଷୀଭାଇମାନେ କେବଳ ରାସାୟନିକ ବିଷର ବ୍ୟବହାର କରିଥାନ୍ତି। କିନ୍ତୁ ଏହାଦ୍ୱାରା ପରିବେଶ ପ୍ରଦୂଷଣ, ଉପକାରୀ କୀଟମାନଙ୍କର କ୍ଷତି ହେବା ଯୋଗୁଁ ବର୍ତ୍ତମାନ ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଗ୍ରହଣ କରି ଫସଲର ଅନିଷ୍ଟକମାନଙ୍କର ନିୟନ୍ତ୍ରଣ କରାଯାଉଛି। ଏହି ସମନ୍ୱିତ ରୋଗପୋକ ପରିଚାଳନା ବ୍ୟବସ୍ଥା ଏକ ପରିବେଶ ଉପଯୋଗୀ, ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ ଶସ୍ୟ ସଂରକ୍ଷଣ ପଦ୍ଧତି, ଯେଉଁଥିରେ ଅବିଚାରିତ ଭାବେ ଅନାବଶ୍ୟକ ରାସାୟନିକ ଔଷଧ ପ୍ରୟୋଗ ନ କରି ସମସ୍ତ ଉପାଦେୟ କୌଶଳ ଓ ପ୍ରଣାଳୀ (ପାରମ୍ପରିକ ଚାଷ, ଯାନ୍ତ୍ରିକ, ଭୌତିକ, ଜୈବ, ଜୈବିକ, ନିରୋଧକ କିସମ ଓ ଉପଯୁକ୍ତ ରାସାୟନିକ ନିୟନ୍ତ୍ରଣ ପଦ୍ଧତି ଇତ୍ୟାଦି) ଅବଲମ୍ବନ କରାଯାଇ ଫସଲରେ ଅନିଷ୍ଟକମାନଙ୍କ ସଂଖ୍ୟା ନିୟନ୍ତ୍ରଣ କରିବା ସହିତ ଫସଲର ଉତ୍ପାଦନ ଓ ଗୁଣାତ୍ମକ ମାନ ବୃଦ୍ଧି କରିବାକୁ ହିଁ ବୁଝାଇଥାଏ।

**ପୋକ:**

**୧. ବାଇଗଣର ଡାଳ ଓ ଫଳବିନ୍ଧା ପୋକ:** ବାଇଗଣ ଫସଲକୁ ଆକ୍ରମଣ କରୁଥିବା ସମସ୍ତ ଅନିଷ୍ଟକ ମଧ୍ୟରେ ଡାଳ ଓ ଫଳବିନ୍ଧାପୋକ ସର୍ବାଧିକ କ୍ଷତିକାରକ। ଅଣ୍ଡାରୁ ବାହାରିଲା ପରେ ପରେ ଶୂକ ଡାଳର କଅଁଳିଆ ଅଗ୍ରଭାଗରେ କଣା କରି ପଶେ ଓ ଭିତରେ ଗର୍ତ୍ତ କରି ଖାଇବା ଫଳରେ ଆକ୍ରାନ୍ତ ଅଗଟି ଝାଉଁଳିପଡ଼ି ପରେ ଶୁଖିଯାଏ। ପତ୍ର ଡେମ୍ଫରେ କଣା କରି ପଶି ଭିତର ଅଂଶ ଖାଏ ଯାହାଦ୍ୱାରା ଆକ୍ରାନ୍ତ ପତ୍ର ଶୁଖିଯାଏ। ଫଳ ଧରିଲା ପରେ ଏହି ପୋକ ଡାଳ ଅପେକ୍ଷା ଫଳ ଆକ୍ରମଣ କରିବାକୁ ଭଲ ପାଏ। ଫଳରେ ବୃନ୍ତି ତଳେ କଣା କରି ଶୂକ ଭିତରେ ପଶେ ଓ ଭିତର ଅଂଶ ଖାଇ ତା ମଧ୍ୟରେ ମଳତ୍ୟାଗ ମଧ୍ୟ କରେ, ଯାହାଦ୍ୱାରା ଫଳଟି ଖାଇବା ପାଇଁ ଅନୁପଯୁକ୍ତ ହୋଇଯାଏ।

**ନିୟନ୍ତ୍ରଣ:** (କ) ଚାରାରୋପଣ ପୂର୍ବରୁ ଫସଲ ଥିବା ଜମିକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦ୍ୱାରା ଏବଂ ନିରୋଗ ଚାରା ବ୍ୟବହାର କରିବା ଦ୍ୱାରା ଏହି ପୋକର ପ୍ରାଦୁର୍ଭାବ ରୋକାଯାଇପାରିବ।(ଖ) ଚାରା ରୋପଣ ସମୟରେ ଏକର ପିଛା ୧ ରୁ ୨ କ୍ୱିଣ୍ଟାଲ୍ ନିମ ପିଡ଼ିଆ ପ୍ରୟୋଗ କରିବା ଉଚିତ୍।(ଗ) ପୋକ ଆକ୍ରମଣ ହେବା ଆରମ୍ଭରୁ ଆକ୍ରାନ୍ତିତ ଅଗଡ଼ାଳକୁ ଛିଣ୍ଡାଇ ନଷ୍ଟ କରିଦେବା ଉଚିତ୍।(ଘ) ଏକର ପିଛା ୨୦-୨୫ଟି ଯୌନ ଯନ୍ତା ମୁଖ୍ୟ ଜମିରେ ବସାଇବା ଉଚିତ୍। (ଙ) ଫଳ ଧରିବା ସମୟରେ ଆଟ୍ରୁକ୍, ରକ୍ଷକ, ନିମ୍‌ଗୋଲ୍ଡ, ନିମାଜଲ୍ ପ୍ରଭୃତି ଯେ କୌଣସି ଗୋଟିକରୁ ଏକର ପିଛା ୧.୫-୨ଲିଟର କିମ୍ବା ବାୟୋଲେପ୍ ଏକର ପିଛା ୬୦୦ ଗ୍ରାମ୍ ବ୍ୟବହାର କରି ଏହି କୀଟକୁ ନିୟନ୍ତ୍ରଣ କରାଯାଇପାରେ। ଏଠାରେ ସୂଚନାଯୋଗ୍ୟ ଯେ ବାଇଗଣର ଫଳ ଓ କାଣ୍ଡବିନ୍ଧା ପୋକ ନିୟନ୍ତ୍ରଣ କରିବାକୁ ହେଲେ ଶକ୍ତିଶାଳୀ କୀଟନାଶକର ବ୍ୟବହାର ବନ୍ଦ କରି ଦରକାର ସ୍ଥଳେ ଜୈବିକ କୀଟନାଶକ ଓ ପରାଶ୍ରୟୀ ଜୀବ ବ୍ୟବହାର କରିବା ଉଚିତ୍।

**୨. ଫଳମାଛି:** ଫଳମାଛି କଖାରୁ, କାକୁଡ଼ି, କଲରା, କନ୍ଦ୍ରି, ପୋଟଳ, ତରଭୁଜ ଆଦି ଫସଲକୁ ଆକ୍ରମଣ କରି ସମୟ ସମୟରେ ୫୦ରୁ ୮୦ ଭାଗ ପର୍ଯ୍ୟନ୍ତ ଅମଳ କମାଇଥାଏ। ଏହି ଫଳଗୁଡ଼ିକ କଷି ହୋଇଥିବା ସମୟରେ ମାଈ ମାଛି ତାହାର ଅଣ୍ଡା ନିଧାୟକ ସାହାଯ୍ୟରେ ଫଳରେ କଣା କରି ଅଣ୍ଡାଦିଏ ଓ ଅଣ୍ଡାରୁ ଶୂକ ବାହାରି ଫଳ ଭିତର ଅଂଶ ଖାଏ, ଯାହାଦ୍ୱାରା ଫଳଟି ଖାଇବା ପାଇଁ ଅନୁପଯୁକ୍ତ ହୋଇଯାଏ। ଆକ୍ରାନ୍ତ ଫଳ ଶୁଖିଯାଏ ଓ କ୍ଷତସ୍ଥାନ ଦେଇ ଫିମ୍ପି, ବ୍ୟାକ୍ଟେରିଆ ପ୍ରବେଶ କରି ଫଳକୁ ସଢ଼ାଇ ଦିଅନ୍ତି। କେତେକ ସମୟରେ ମାଈ ମାଛି ଗଛର କାଣ୍ଡରେ ମଧ୍ୟ ଛିଦ୍ର କରି ଅଣ୍ଡା ଦିଅନ୍ତି ଯାହାଦ୍ୱାରା କାଣ୍ଡ ଉପରେ ଗୋଟିଏ ବା ଅନେକ ଗଲ୍ ସୃଷ୍ଟି ହୁଏ ଓ ଆସ୍ତେ ଆସ୍ତେ ଗଛ ପଚି ମରିଯାଏ।

**ନିୟନ୍ତ୍ରଣ:** ଗ୍ରୀଷ୍ମଋତୁରେ ଖରାଟିଆ ଚାଷ କରି ମାଟିକୁ ଓଲଟାଇ ଦେଲେ ମାଟିରେ ଥିବା ଫଳ ମାଛିର କୋଷାଗୁଡ଼ିକ ଉପରକୁ ବାହାରି ଆସି ନଷ୍ଟ ହୋଇଯାନ୍ତି। ଜମି ପ୍ରସ୍ତୁତି ସମୟରେ ମାଟିରେ ଏକର ପିଛା ୨ କ୍ୱିଣ୍ଟାଲ ନିମ୍ବ ପିଡ଼ିଆ କିମ୍ବା ଏକର ପିଛା ୧୦ କି. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରିବା ଆବଶ୍ୟକ। ଫଳମାଛି ଦ୍ୱାରା ଆକ୍ରାନ୍ତିତ ଫଳଗୁଡ଼ିକ ସଂଗ୍ରହ କରି ନଷ୍ଟ କରିଦେବା ଉଚିତ୍। ଫସଲ ପର୍ଯ୍ୟାୟ ଅବଲମ୍ବନ କରିବା ସହିତ ବିଷଥୋପ ପ୍ରୟୋଗ ଦ୍ୱାରା ଏହି କୀଟକୁ ସଫଳ ଭାବେ ନିୟନ୍ତ୍ରଣ କରିହେବ। ବିଷଥୋପ ପ୍ରସ୍ତୁତ କରିବା ପାଇଁ ଏକ ଲିଟର ପାଣିରେ ୩୦ ଗ୍ରାମ୍ ଗୁଡ଼ ବା ଚିନି, ୨ ମି.ଲି. ମହୁ ଓ ୨ ମି.ଲି. ମାଲାଥିଅନ ମିଶାଇବା ଆବଶ୍ୟକ। ଏହାକୁ କଖାରୁ ଜାତୀୟ ଫସଲ କିଆରିର ବିଭିନ୍ନ ସ୍ଥାନରେ ଚଟକା ପାତ୍ରରେ ରଖିଲେ ମାଛିମାନେ ଖାଇ ମରିଥାନ୍ତି।

**୩. ଭେଣ୍ଡିର ଡାଳ ଓ ଫଳବିନ୍ଧା କୀଟ:** ଭେଣ୍ଡିର ଡାଳ ଓ ଫଳବିନ୍ଧା ପୋକ ଗଛ ଛୋଟ ହୋଇଥିବା ସମୟରେ ଶୂକ କଅଁଳିଆ ଡାଳ ଭିତରେ ପଶି ଖାଇବା ଫଳରେ ଡାଳଟି ଝାଉଁଳି ମରିଯାଏ। ଗଛ ବଢ଼ିଗଲା ପରେ ଏହା ମଧ୍ୟ କଢ଼, ଫୁଲ ଓ ଫଳ ମଧ୍ୟରେ ପଶି ଭିତର ଅଂଶ ଖାଇଯିବା ଫଳରେ ଗଛରୁ ଖସିପଡ଼େ। ଗଛରେ ଫଳ ହେବା ପରେ ଏହି ପୋକ ଅନ୍ୟ ସମସ୍ତ ଅଂଶ ଅପେକ୍ଷା ଫଳକୁ ଆକ୍ରମଣ କରିବାକୁ ଅଧିକ ଭଲପାଏ। ଫଳର ଭିତର ଅଂଶ ଖାଇବା ଫଳରେ ଏଗୁଡ଼ିକ ବିକୃତ ହୋଇଯାଏ ଓ ଫଳ ମଧ୍ୟରେ ଶୂକର ମଳ ଭର୍ତ୍ତି ହେବା ଯୋଗୁଁ ଫଳ ଖାଦ୍ୟ ପାଇଁ ଅନୁପଯୁକ୍ତ ହୋଇଯାଏ ଓ ୨୦ରୁ ୬୦ ଭାଗ ଭେଣ୍ଡିଫଳ ନଷ୍ଟ ହୋଇ ଅମଳ ଆଶାତୀତ ଭାବେ କମିଥାଏ।

**ନିୟନ୍ତ୍ରଣ:** ଆକ୍ରାନ୍ତ ହୋଇଥିବା ଓ କିଆରିରେ ପଡ଼ିଥିବା କଢ଼, ଫୁଲ, ଫଳକୁ ସଂଗ୍ରହ କରି ନଷ୍ଟ କରିଦେବା ଉଚିତ୍। ଖରାଦିନେ ଜମିକୁ ଭଲଭାବେ ହଳ କରିଦେଲେ ଏବଂ ଜମି ଓ ତାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରୁ ପୋଷକ ଗଛଗୁଡ଼ିକୁ ନଷ୍ଟ କରିଦେଲେ ଏହି କୀଟର ପ୍ରାଦୁର୍ଭାବ କମ୍ ହୋଇଥାଏ। ରାସାୟନିକ ନିୟନ୍ତ୍ରଣ ପାଇଁ ଗଛ ଫୁଲଧରିବା ସମୟରେ ୪୦୦ ମି.ଲି. ଏଣ୍ଡୋସଲଫାନ୍ କିମ୍ବା ମନୋକ୍ରୋଟୋଫସକୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କରିବା ଆବଶ୍ୟକ। ଗଛରେ ଫଳ ଧରିବା ପରେ ଯେକୌଣସି ନିମ୍ବଜାତୀୟ କୀଟନାଶକ (ଆଚୁକ୍, ରକ୍ଷକ, ନିମାଜଲ୍)କୁ ଏକର ପିଛା ୧.୫-୨ଲି. କିମ୍ବା ବାୟୋଲେପ୍/ଡାଇପେଲ ଏକର ପିଛା ୬୦୦ ଗ୍ରାମ୍ ବ୍ୟବହାର କରି ଏହି କୀଟକୁ ନିୟନ୍ତ୍ରଣ କରାଯିବା ଉଚିତ୍। ଫଳ ଅବସ୍ଥାରେ ମଧ୍ୟ କାର୍ବାରିଲ୍ ସେଚିତ ଗୁଣ୍ଡ (୬୦୦ ଗ୍ରା.,୨୦୦ ଲି.ପାଣି)କୁ ସିଞ୍ଚନ କରି ଏହି କୀଟ ଦମନ କରାଯାଇପାରେ।

**୪. କାଙ୍କେଡିଆ ପୋକ:** କାଙ୍କେଡିଆ ପୋକ ବାଇଗଣ, ଆଳୁ, ବିଲାତିବାଇଗଣ, କଖାରୁ, କାକୁଡ଼ି, କଲରା, ପୋଟଳ ଇତ୍ୟାଦି ପନିପରିବା ଫସଲକୁ ଆକ୍ରମଣ କରି କ୍ଷତିଗ୍ରସ୍ତ କରାଏ। ଏହାର ଉଭୟ ପୂର୍ଣ୍ଣାଙ୍ଗ ଓ ଶୂକ ଭୃଙ୍ଗ ପତ୍ରର ସବୁଜ ଅଂଶ ମରିଯାଏ। ଛୋଟ ଗଛରେ ବହୁ ସଂଖ୍ୟାରେ ପୋକ ଆକ୍ରମଣ କଲେ ଗଛ ମରିଯାଏ।

**ନିୟନ୍ତ୍ରଣ:** ଅଣ୍ଡା ପୁଞ୍ଜ, ଶୂକ ଓ କୀଟର ପୂର୍ଣ୍ଣାଙ୍ଗ ଅବସ୍ଥାକୁ ସଂଗ୍ରହ କରି ନଷ୍ଟ କରିଦେବା ଦ୍ୱାରା ପୋକସଂଖ୍ୟା ବହୁତ ମାତ୍ରାରେ ନିୟନ୍ତ୍ରିତ ହୋଇଥାଏ। ଅଙ୍ଗୀୟ ବୃଦ୍ଧି ଅବସ୍ଥାରେ ପୋକ ଲାଗିବା ଦେଖାଗଲେ ୮୦୦ ଗ୍ରା. କାର୍ବାରିଲ ସେଚିତ ଗୁଣ୍ଡକୁ ୨୦୦ ଲି. ପାଣିରେ ମିଶାଇ ସିଞ୍ଚନ କଲେ ପୋକ ନିୟନ୍ତ୍ରଣ ହୋଇଥାଏ। ଫସଲରେ ଫଳ ଅବସ୍ଥାରେ ପୋକ ଲାଗିବା ଦେଖାଗଲେ ଆଚୁକ, ନିମାଜଲ, ନିମ୍‌ଗୋଲ୍ଡ ପ୍ରଭୃତି ଯେକୌଣସି ଗୋଟିକରୁ ଏକର ପିଛା ୧.୫ରୁ ୨ଲିଟର କିମ୍ବା ବାୟୋଲେପ୍/ଡାଇପେଲ (ଏକର ପ୍ରତି ୬୦୦ଗ୍ରାମ୍) ପ୍ରୟୋଗ କରି କୀଟ ନିୟନ୍ତ୍ରଣ କରାଯିବା ଆବଶ୍ୟକ।

**ରୋଗ:**

**୧. ବାଇଗଣ ଓ ବିଲାତି ବାଇଗଣର ଝାଉଁଳା ରୋଗ:** ଝାଉଁଳା ରୋଗ, ବାଇଗଣ ଓ ବିଲାତି ବାଇଗଣର ସବୁଠାରୁ କ୍ଷତିକାରକ ରୋଗ ଓ ଏହା ଯୋଗୁଁ ୬୦ ଭାଗ ପର୍ଯ୍ୟନ୍ତ ଗଛ ମରିଯାଇ ଚାଷୀର ଅଶେଷ କ୍ଷତିସାଧନ କରିଥାଏ। ଝାଉଁଳା ରୋଗର ଅନେକ କାରଣ ଥିବାରୁ ଏହାର ମାତ୍ରା ଓ କ୍ଷତି ପରିମାଣ ଓଡ଼ିଶାର ସବୁ ଜାଗାରେ ସମାନ ନୁହେଁ। ଏହି କାରଣଗୁଡ଼ିକ ମଧ୍ୟରେ ବୀଜାଣୁ (ବ୍ୟାକ୍ଟେରିଆ), କବକ ଓ ସୂତ୍ରଜୀବ ମୁଖ୍ୟ ଭୂମିକା ଗ୍ରହଣ କରେ।

**(କ)- ବୀଜାଣୁ ଜନିତ-** ବୀଜାଣୁ ଜନିତ ଝାଉଁଳା ରୋଗ ଦ୍ୱାରା ଆକ୍ରାନ୍ତିତ ଗଛକୁ ଉପାଡ଼ି ଦେଖିଲେ ମାଟି ପତନରେ ଥିବା କାଣ୍ଡ ଓ ଚେରର ଉପରେ ଥିବା ଚୋପା ସାମାନ୍ୟ କଳାପଡ଼ିଯାଇଥିବାର ଦେଖାଯାଏ। ସେହି କାଣ୍ଡକୁ କାଟି ସାମାନ୍ୟ ଚିପିଲେ ସେଥିରୁ କାଦୁଆ ପାଣି ନିର୍ଗତ ହୁଏ ଓ ଦୁର୍ଗନ୍ଧ ହୁଏ ଏବଂ ଏହାକୁ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ ସେଥିରେ ଅସଂଖ୍ୟ ବୀଜାଣୁ ଦେଖାଯାନ୍ତି।

**(ଖ)- କବକ ଜନିତ-** ଏହି ଝାଉଁଳା ରୋଗ ଯୋଗୁଁ ପ୍ରଥମେ ଗଛର ତଳପତ୍ରଗୁଡ଼ିକ ହଳଦିଆ ପଡ଼ିଯାଏ ଓ ତଳଆଡ଼ୁ ଧୀରେ ଧୀରେ ଝାଉଁଳିବା ଆରମ୍ଭ କରେ। ଆଉ କେତେକ ସମୟରେ ଗଛ ଆକ୍ରାନ୍ତ ହେଲେ ଗଛର ମୂଳ ଓ ମାଟି ଉପରେ ଧଳା ରଙ୍ଗର କବକ ଜାଲ ଥିବା ଦେଖାଯାଏ ଓ ଅଣୁବୀକ୍ଷଣ ଯନ୍ତ୍ରରେ ଦେଖିଲେ ତା ମଧ୍ୟରେ ବାଦାମୀ ବା ଧଳା ରଙ୍ଗର ସୋରିଷ ପରି ଫିମ୍ପି ଦାନା ଥାଏ।

**(ଗ)- ସୂତ୍ରଜୀବ ଜନିତ-** ଚେରରେ ଗଣ୍ଠି ଦୃଷ୍ଟିଗୋଚର ହେଲେ ଓ ଝାଉଁଳିବା ଖରା ସମୟରେ ଅଧିକ ହୋଇ ସକାଳ ଓ ସନ୍ଧ୍ୟା ସମୟରେ କମିଗଲେ ସୂତ୍ର କୃମି ଜନିତ ଝାଉଁଳା ହେବାର ପ୍ରମାଣ ମିଳେ।